रजिस्ट्री सं डी-221

REGISTERED No. D.-221
ରେଜିଷ୍ଟ୍ରି ସଂ. ଡି.-221

# भारत का राजपत्र
# The Gazette of India
# ଭାରତର ଗେଜେଟ

असाधारण
**EXTRAORDINARY**
ଅସାଧାରଣ

भाग XIII—अनुभाग I
**Part XIII—Section I**
ଭାଗ XIII—ଖଣ୍ଡ I

प्राधिकार से प्रकाशित
**PUBLISHED BY THE AUTHORITY**
ପ୍ରାଧିକାର ଦ୍ୱାରା ପ୍ରକାଶିତ

---

**No. 1 NEW DELHI MONDAY APRIL 5, 1999 CHAITRA 15, 1921 (SAKA) VOL. 6**

ସଂ 1 ନୂଆଦିଲ୍ଲୀ ସୋମବାର ଅପ୍ରେଲ 5, 1999 ଚୈତ୍ର 15, 1921 (ଶକ) ଗ୍ରନ୍ଥଖଣ୍ଡ 6

---

## MINISTRY OF LAW, JUSTICE AND COMPANY AFFAIRS

### (Legislative Department)

*New Delhi, dated the 5th April 1999/15 Chaitra, 1921 (SAKA)*

The Translation in Oriya of the following:—

(1) The Indian Partnership Act, 1932, (2) The Indian Boilers Act, 1923, (3) The Registration of Births and Deaths Act, 1969, (4) The War Injuries Compensation Insurance Act, 1943, (5) The Maternity Benefit Act, 1961, (6) The United Nations (Privileges and Immunities) Act, 1947, (7) The Exchange of Prisoners Act, 1948, (8) The Trading with the Enemy (Continuance of Emergency Provisions) Act, 1947, (9) The Indian Works of Defence Act, 1903, (10) The Oaths Act, 1969, (11) The Employers Liability Act, 1938, (12) The Coroners Act, 1871, (13) The Hindu Adoption

and Maintenance Act, 1956, (14) The Births, Deaths and Marriages Registration Act, 1886, (15) The Industrial Disputes (Banking Companies) Decision Act, 1955, (16) The Employment Exchange (Compulsory Notification of Vacancies) Act, 1959, (17) The Estate Duty Act, 1953, (18) The Representation of Peoples Act, 1950, (19) The Indian Limitation Act, 1963, (20) The Guardian and Wards Act, 1890, (21) The Motor Transport Workers Act, 1961, (22) The Payment of Wages Act, 1936, are hereby published under the authority of the President and shall be deemed to be the Authoritative Texts thereof in Oriya under clause (a) of section 2 of the Authoritative Texts (Central Laws) Act, 1973 (50 of 1973).

## ବିଧି ଓ ନ୍ୟାୟ ମନ୍ତ୍ରଣାଳୟ

### (ବିଧାୟୀ ବଭଗ)

### ନୂଆଦିଲ୍ଲୀ

(1) ଦି ଇଣ୍ଡିଆନ୍ ପାର୍ଟନରସିପ୍ ଏକ୍ଟ, 1932, (2) ଦି ଇଣ୍ଡିଆନ୍ ବୟଲରସ୍ ଏକ୍ଟ, 1923, (3) ଦି ରେଜିଷ୍ଟ୍ରେସନ୍ ଅଫ୍ ବାର୍ଥ ଆଣ୍ଡ ଡେଥ ଏକ୍ଟ, 1969, (4) ଦି ଓ୍ୱାର ଇନ୍‌ଜୁରିଜ୍ (କମ୍ପେନ୍‌ସେସନ ଇନ୍‌ସୁରାନ୍‌ସ) ଏକ୍ଟ, 1943, (5) ଦି ମେଟାରନିଟି ବେନେଫିଟ୍ ଏକ୍ଟ 1961, (6) ଦି ଇଉନାଇଟେଡ୍ ନେସନ୍‌ସ (ପ୍ରିଭିଲେଜେସ୍ ଆଣ୍ଡ ଇମୁନିଟିଜ୍) ଏକ୍ଟ, 1947, (7) ଦି ଏକ୍‌ସଚେନଜ ଅଫ୍ ପ୍ରିଜିନରସ୍ ଏକ୍ଟ, 1948, (8) ଦି ଟ୍ରେଡ଼ିଂଗ୍ ଉଇଥ୍ ଦି ଏନ୍‌ମି (କନ୍‌ଟିନ୍ୟୁୟାନସ୍ ଅଫ୍ ଏମରର୍ଜେନ୍‌ସି ପ୍ରୋଭିଜନସ) ଏକ୍ଟ, 1947, (9) ଦି ଇଣ୍ଡିଆନ ଓ୍ୱାର୍କସ୍ ଅଫ୍ ଡ଼ିଫେନସ୍ ଏକ୍ଟ, 1903, (10) ଦି ଓଥ୍‌ସ୍ ଏକଟ, 1969, (11) ଦି ଏମ୍ପ୍ଲୟିଜ୍ ଲାଇୟାବିଲିଟି ଏକ୍ଟ, 1938, (12) ଦି କୋରେନରସ ଆକ୍ଟ, 1871, (13) ଦି ହିଂଦୁ ୟାଡପଶନ୍ ଏଣ୍ଡ ମେନ୍‌ଟିନ୍ୟାନ୍‌ସ ଏକ୍ଟ, 1956, (14) ଦି ବାର୍ଥସ, ଡେଥସ୍ ଏଣ୍ଡ ମ୍ୟାରିଜେସ୍ ରେଜିଷ୍ଟ୍ରେସନ୍ ଏକ୍ଟ, 1886, (15) ଦି ଇଣ୍ଡଷ୍ଟ୍ରିଆଲ ଡିସ୍‌ପିଉଟସ୍ (ବ୍ୟାକିଂ କମ୍ପାନିଜ) ଡିସିସନ୍ ଏକ୍ଟ, 1955, (16) ଦି ଏମ୍ପ୍ଲୟମେଣ୍ଟ ଏକ୍‌ସଚେଞ୍ଜ (କଂପଲସରି ନୋଟିଫିକେସନ ଅଫ୍ ଭେକାନ୍‌ସିଜ) ଏକ୍ଟ, 1959 (17) ଦି ଇଷ୍ଟେଟ ଡିଉଟି ଏକ୍ଟ, 1953, (18) ଦି ରିପ୍ରେଜେନଟେସନ ଅଫ୍ ପିପୁଲସ୍ ଏକଟ, 1950, (19) ଦି ଇଣ୍ଡିଆନ୍ ଲିମିଟେସନ ଏକ୍ଟ, 1963, (20) ଦି ଗାର୍ଡିୟାନ୍ ଆଣ୍ଡ ଓୟାର୍ଡସ୍ ଏକ୍ଟ, 1890, (21) ଦି ମୋଟର ଟ୍ରାନ୍‌ସ୍‌ପୋର୍ଟ ଓ୍ୱାକରସ ଏକ୍ଟ, 1961, (22) ଦି ପେମେଣ୍ଟ ଅଫ୍ ଓ୍ୱେଜେସ୍ ଏକ୍ଟ, 1936 ର ନିମ୍ନଲିଖିତ ଓଡ଼ିଆ ଅନୁବାଦ ରାଷ୍ଟ୍ରପତିଙ୍କର ପ୍ରାଧିକାର ଅନୁଯାୟୀ ଏତଦ୍ୱାର ପ୍ରକାଶିତ ହେଉଅଛି ଏବଂ ଏହା ପ୍ରାଧିକୃତ ପାଠ (କେନ୍ଦ୍ରୀୟ ବିଧି) ଅଧିନିୟମ, 1973 (1973 ର 50)ର ଧାରା 2 ର ଖଣ୍ଡ (କ) ଅନୁଯାୟୀ ଓଡ଼ିଆ ଭଷାରେ ସେଗୁଡ଼ିକର ପ୍ରାଧିକୃତ ପାଠ ବୋଲି ବିବେଚିତ ହେବ ।

# ଅପମୃତ୍ୟୁ ସମୀକ୍ଷକ ଅଧିନିୟମ, 1871

[ 1871 ର ଅଧିନିୟମ ସଂ 4 ]

## ଅପମୃତ୍ୟୁ ସମୀକ୍ଷକ ସମ୍ପର୍କୀୟ ବିଧିଗୁଡ଼ିକର ଏକତ୍ରୀକରଣ ଓ ସଂଶୋଧନ କରିବା ନିମିତ୍ତ ଏକ ଅଧିନିୟମ

[ 27 ଜାନୁଆରୀ, 1871 ]

ଯେହେତୁ ପ୍ରେସିଡେନ୍‌ସି ସହରଗୁଡ଼ିକରେ ଅପମୃତ୍ୟୁ ସମୀକ୍ଷକ ସମ୍ପର୍କୀୟ ବିଧିଗୁଡ଼ିକୁ ଏକତ୍ରୀକରଣ ଓ ସଂଶୋଧନ କରିବା ସମୀଚୀନ ଅଟେ, ତେଣୁ ଏତଦ୍ଦ୍ୱାରା ଏହା ନିମ୍ନମତେ ଅଧିନିୟମିତ ହେଲା :–

### ଅଧ୍ୟାୟ I

### ପ୍ରାରମ୍ଭିକ

ସଂକ୍ଷିପ୍ତ ନାମ ।

1. ଏହି ଅଧିନିୟମ ଅପମୃତ୍ୟୁ ସମୀକ୍ଷକ ଅଧିନିୟମ, 1871 ନାମରେ ଅଭିହିତ ହେବ ।

2. ନିରସିତ ।

### ଅଧ୍ୟାୟ II

### ଅପମୃତ୍ୟୁ ସମୀକ୍ଷକଙ୍କ ନିଯୁକ୍ତି

କଲିକତା ଓ ବମ୍ବେର ଅପମୃତ୍ୟୁ ସମୀକ୍ଷକ ।

3. ଫୋର୍ଟ ଉଇଲିଅମ ଓ ବମ୍ବେଠାରେ ଥିବା ପ୍ରତ୍ୟେକ ଉଚ୍ଚ ନ୍ୟାୟାଳୟର ମାମୁଲି ଆରମ୍ଭିକ ସିଭିଲ ଅଧିକାର କ୍ଷେତ୍ରର ସ୍ଥାନୀୟ ସୀମା ମଧ୍ୟରେ ଜଣେ ଲେଖାଏଁ ଅପମୃତ୍ୟୁ ସମୀକ୍ଷକ ରହିବେ । ସେହି ଅପମୃତ୍ୟୁ ସମୀକ୍ଷକମାନେ ଯଥାକ୍ରମେ, କଲିକତାର ଅପମୃତ୍ୟୁ ସମୀକ୍ଷକ ଓ ବମ୍ବେର ଅପମୃତ୍ୟୁ ସମୀକ୍ଷକ ନାମରେ ଅଭିହିତ ହେବେ ।

ସେମାନଙ୍କର ନିଯୁକ୍ତି, ନିଲମ୍ବନ ଓ ଅପସାରଣ ।

4. ସେପରି ପ୍ରତ୍ୟେକ ଅଧିକାରୀ ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ହେବେ ଏବଂ ନିଲମ୍ବିତ ବା ଅପସାରିତ ହୋଇପାରିବେ ।

ଅପମୃତ୍ୟୁ ସମୀକ୍ଷକ ଲୋକ-ସେବକ ହେବେ ।

5. ପ୍ରତ୍ୟେକ ଅପମୃତ୍ୟୁ ସମୀକ୍ଷକ ଭାରତୀୟ ଦଣ୍ଡ ସଂହିତାର ମର୍ମାନୁସାରେ ଜଣେ ଲୋକସେବକ ବୋଲି ବିବେଚିତ ହେବେ ।

ଅନ୍ୟାନ୍ୟ ପଦ ଧାରଣ କରିବାକୁ କ୍ଷମତା ।

6. କୌଣସି ଅପମୃତ୍ୟୁ ସମୀକ୍ଷକ ଯୁଗପତ୍ ସରକାରଙ୍କ ଅଧୀନରେ ଅନ୍ୟ ଯେକୌଣସି ପଦ ଧାରଣ କରିପାରିବେ ।

7. ନିରସିତ ।

### ଅଧ୍ୟାୟ III

### ଅପମୃତ୍ୟୁ ସମୀକ୍ଷକଙ୍କ କର୍ତ୍ତବ୍ୟ ଓ କ୍ଷମତା

ମୃତ୍ୟୁ ସମ୍ପର୍କରେ ତଦନ୍ତ କରିବାକୁ ଅଧିକାରିତା ।

8. ଯେତେବେଳେ ଜଣେ ଅପମୃତ୍ୟୁ ସମୀକ୍ଷକ ସକାରଣ ବିଶ୍ୱାସ କରନ୍ତି ଯେକୌଣସି ବ୍ୟକ୍ତିଙ୍କର ମୃତ୍ୟୁ, ଦୁର୍ଘଟଣା, ମାନବବଧ, ଆତ୍ମହତ୍ୟା କିମ୍ବା ଅଜଣା କାରଣରୁ ଅକସ୍ମାତ ହୋଇଛି, କିମ୍ବା କୌଣସି ବ୍ୟକ୍ତି ବନ୍ଦୀ ଥାଇ କାରାଗାରରେ ମରିଯାଇଛନ୍ତି ;

ଏବଂ ସେହି ଅପମୃତ୍ୟ ସମୀକ୍ଷକ ଯେଉଁ ସ୍ଥାନ ଲାଗି ଏହିରୂପେ ନିଯୁକ୍ତ ହୋଇଥା'ନ୍ତି ଶବଟି ସେହି ସ୍ଥାନ ମଧ୍ୟରେ ପଡ଼ି ରହିଛି ;

ସେତେବେଳେ ଅପମୃତ୍ୟୁ ସମୀକ୍ଷକ ମୃତ୍ୟୁର କାରଣ ସମ୍ପର୍କରେ ତଦନ୍ତ କରିବେ ।

ଏପରି ପ୍ରତ୍ୟେକ ତଦନ୍ତ ଭାରତୀୟ ଦଣ୍ଡ ସଂହିତାର ଧାରା 193 ର ମର୍ମାନୁସାରେ ଏକ ନ୍ୟାୟିକ କାର୍ଯ୍ୟବିଧି ବୋଲି ବିବେଚିତ ହେବ ।

| | |
|---|---|
| ବନ୍ଦୀ ମରିଗଲେ ଅପମୃତ୍ୟୁ ସମୀକ୍ଷକଙ୍କୁ ଡକାଯିବ । | 9. ଯେତେବେଳେ ଯେଉଁ ସ୍ଥାନ ଲାଗି ଜଣେ ଅପମୃତ୍ୟୁ ସମୀକ୍ଷକ ଏ ଭାବେ ନିଯୁକ୍ତି ହୋଇଥା'ନ୍ତି ସେଠାରେ ଅବସ୍ଥିତ କାରାଗାରରେ କେହି ବନ୍ଦୀ ମରିଯାନ୍ତି, ସେତେବେଳେ ସେହି କାରାଗାରର ଅଧୀକ୍ଷକ ସେହି ଶବଟିର ସତ୍କାର କରାଯିବା ପୂର୍ବରୁ ଅପମୃତ୍ୟୁ ସମୀକ୍ଷକଙ୍କୁ ଡକାଇବେ । ଏଥିରେ ହେଳା କରିଥିବା କୌଣସି ଅଧୀକ୍ଷକ ଜଣେ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ଦୋଷସିଦ୍ଧ ହେଲେ ଅନଧିକ ପାଞ୍ଚ ଶହ ଟଙ୍କା ଜୋରିମାନାରେ ଦଣ୍ଡିତ ହେବେ । |
| | ଯେଉଁ କ୍ଷେତ୍ରରେ ମୃତ୍ୟୁଟି କଲେରା ବା ଅନ୍ୟ ସଂକ୍ରାମକ ରୋଗରୁ ହୋଇଥାଏ, ସେହି କ୍ଷେତ୍ରରେ ଏହି ଧାରାର ପୂର୍ବ ଭାଗରେ ଥିବା କୌଣସି ବିଷୟ ପ୍ରଯୁଜ୍ୟ ହେବ ନାହିଁ । |
| ମୃତ୍ୟୁର କାରଣ ଯେଉଁଠାରେ ଘଟିଥାଉ ପଛେ ସ୍ଥାନୀୟ ସୀମା ମଧ୍ୟସ୍ଥ ଶବ ନେଇ ମୃତ୍ୟୁ ସମୀକ୍ଷା କରିବାକୁ କ୍ଷମତା । | 10. ଯେତେବେଳେ କୌଣସି ଅପମୃତ୍ୟୁ ସମୀକ୍ଷକଙ୍କ ଅଧିକାର କ୍ଷେତ୍ରର ସ୍ଥାନୀୟ ସୀମା ମଧ୍ୟରେ ମରି ପଡ଼ିଥିବା କୌଣସି ଶବ ନେଇ ମୃତ୍ୟୁ ସମୀକ୍ଷା କରାଯିବା କଥା ସେତେବେଳେ, ମୃତ୍ୟୁର କାରଣ ଅପମୃତ୍ୟୁ ସମୀକ୍ଷକଙ୍କର ଅଧିକାର କ୍ଷେତ୍ର ମଧ୍ୟରେ ଉଦ୍‌ଭୂତ ହୋଇଥାଉ ବା ହୋଇ ନଥାଉ ସେ ସେପରି ମୃତ୍ୟୁ ସମୀକ୍ଷା କରିବେ । |
| ଶବ ଖୋଳି କାଢ଼ିବା ନିମିତ୍ତ ଆଦେଶ ଦେବାକୁ କ୍ଷମତା । | 11. ଜଣେ ଅପମୃତ୍ୟୁ ସମୀକ୍ଷକ ଏକେତ ଯେଉଁଠାରେ ଆରମ୍ଭିକ ମୃତ୍ୟୁ ସମୀକ୍ଷା ହୋଇ ନଥାଏ, ସେଠାରେ ଆରମ୍ଭିକ ମୃତ୍ୟୁ ସମୀକ୍ଷା କରିବା ପ୍ରୟୋଜନରେ କିମ୍ବା ଯେଉଁଠାରେ ଅଧିକତର ମୃତ୍ୟୁ ପରୀକ୍ଷା କରାଯିବା ନ୍ୟାୟ ବିଚାର ଦୃଷ୍ଟିରୁ ଆବଶ୍ୟକ ବା ବାଞ୍ଛନୀୟ ବୋଲି ଅପମୃତ୍ୟୁ ସମୀକ୍ଷକ ମନେ କରନ୍ତି ସେଠାରେ ଅଧିକତର ମୃତ୍ୟୁ ସମୀକ୍ଷା ପ୍ରୟୋଜନରେ ମୃତ ବ୍ୟକ୍ତିଙ୍କ ମୃତ୍ୟୁର ଯୁକ୍ତିଯୁକ୍ତ ସମୟ ମଧ୍ୟରେ ଶବକୁ ଖୋଳି କାଢ଼ିବାକୁ ଆଦେଶ ଦେଇ ପାରିବେ । |
| ଜୁରିଙ୍କୁ ସମନ କରିବା । | 12. ଧାରା ୫ ରେ ବର୍ଣ୍ଣିତ କୌଣସି ମୃତ୍ୟୁର ସୂଚନା ପାଇବା ପରେ ଅପମୃତ ସମୀକ୍ଷକ ମୃତ ବ୍ୟକ୍ତି କେତେବେଳେ, କିପରି ଓ କେଉଁ ଉପାୟରେ ମୃତ୍ୟୁବରଣ କଲେ ତାହା ତଦନ୍ତ କରିବା ପ୍ରୟୋଜନରେ ପାଞ୍ଚ, ସାତ, ନଅ, ଏଗାର, ତେର ବା ପନ୍ଦର ଜଣ ସମ୍ମାନାସ୍ପଦ ବ୍ୟକ୍ତିଙ୍କୁ ସମନରେ ବିନିର୍ଦ୍ଦିଷ୍ଟ ସମୟରେ ଓ ସ୍ଥାନରେ ତାଙ୍କ ସମକ୍ଷରେ ଉପସ୍ଥିତ ହେବାକୁ ସମନ କରିବେ । |
| ମୃତ୍ୟୁ ସମୀକ୍ଷା ରବିବାରରେ ହୋଇପାରେ । | ଏହି ଅଧିନିୟମ ଅଧୀନରେ କୌଣସି ମୃତ୍ୟୁ ସମୀକ୍ଷା ରବିବାରରେ ହୋଇପାରେ । |
| ନ୍ୟାୟାଳୟର ଉଦ୍‌ଘାଟନ । | 13. ଯଥା ସମୟ ଉପସ୍ଥିତ ହେଲେ, ଅପମୃତ୍ୟୁ ସମୀକ୍ଷକ ଏହିରୂପେ ବିନିର୍ଦ୍ଦିଷ୍ଟ ସ୍ଥାନକୁ ଅଗ୍ରସର ହେବେ, ଉଦ୍‌ଘୋଷଣା ଦ୍ୱାରା ନ୍ୟାୟାଳୟର ଉଦ୍‌ଘାଟନ କରିବେ ଏବଂ ଜୁରି ସଦସ୍ୟଙ୍କ ନାମ ପଢ଼ି ଶୁଣାଇବେ । |
| ଜୁରି ସଦସ୍ୟଙ୍କୁ ଶପଥ ଦିଆଯିବ । | 14. ଯେତେବେଳ ପର୍ଯ୍ୟନ୍ତ ଜୁରି ଉପସ୍ଥିତ ଥାଆନ୍ତି ସେତେବେଳେ ସେ ପ୍ରତ୍ୟେକ ଜୁରି ସଦସ୍ୟଙ୍କୁ ସାକ୍ଷ୍ୟ ଅନୁଯାୟୀ ଏକ ଯଥାର୍ଥ ରାୟ ଦେବାକୁ ଶପଥ ପ୍ରଦାନ କରିବେ ଏବଂ ତା'ପରେ ଶବଟିକୁ ଦେଖିବାକୁ ଜୁରିସହ ଅଗ୍ରସର ହେବେ । |
| ଶବ ଦେଖା । | 15. ଅପମୃତ୍ୟୁ ସମୀକ୍ଷକ ଓ ଜୁରି ମୃତ୍ୟୁ ସମୀକ୍ଷାର ପ୍ରଥମ ବୈଠକରେ ଶବଟିକୁ ଦେଖିବେ ଓ ପରୀକ୍ଷା କରିବେ ଏବଂ ଶବର ଅବସ୍ଥା ଦୃଷ୍ଟେ ଯେପରି ଆବଶ୍ୟକ ସେପରି ମନ୍ତବ୍ୟ ଅପମୃତ୍ୟୁ ସମୀକ୍ଷକ ଜୁରିଙ୍କୁ ଦେବେ : |
| | ପରନ୍ତୁ ଯଦି ଅପମୃତ୍ୟୁ ସମୀକ୍ଷକ ଡାକ୍ତରୀସାକ୍ଷ୍ୟ ବା ଡାକ୍ତରୀ ପ୍ରମାଣପତ୍ରରୁ ସନ୍ତୁଷ୍ଟ ହୁଅନ୍ତି ଯେ ଶବ ଦେଖାରୁ କିଛି ସୁଫଳ ମିଳିବ ନାହିଁ ତାହା ହେଲେ ସେ ଜୁରିର ଅଧିକାଂଶଙ୍କ ସହମତି କ୍ରମେ ଶବ ଦେଖା କଥା ବାଦ ଦେଇ ପାରିବେ । |
| ସାକ୍ଷ୍ୟ ଲାଗି ଉଦ୍‌ଘୋଷଣା । | 16. ଏହାପରେ ଅପମୃତ୍ୟୁ ସମୀକ୍ଷକ ସାକ୍ଷୀମାନଙ୍କ ହାଜିର ପାଇଁ ଉଦ୍‌ଘୋଷଣା କରିବେ କିମ୍ବା ଯେଉଁଠାରେ ତଦନ୍ତଟି ଗୋପନୀୟ ଭାବରେ କରାଯାଇଥାଏ ସେଠାରେ ଯେଉଁମାନେ ମୃତ୍ୟୁ ସମ୍ପର୍କରେ କିଛି ହେଲେ ଜାଣନ୍ତି ସେମାନଙ୍କୁ ପୃଥକ ଭାବରେ ଡାକିବେ । |

**ସାକ୍ଷୀଙ୍କୁ ସମନ କରିବା ।**

17. ମୃତ୍ୟୁର ପରିସ୍ଥିତି ସହ ପରିଚିତ ସମସ୍ତ ବ୍ୟକ୍ତିଙ୍କ ପକ୍ଷେ ମୃତ୍ୟୁ ସମୀକ୍ଷାରେ ସାକ୍ଷୀରୂପେ ଉପସ୍ଥିତ ହେବା କର୍ତ୍ତବ୍ୟ ହେବ; ଅପମୃତ୍ୟୁ ସମୀକ୍ଷକ ସେହି ପରିସ୍ଥିତି ଓ ମୃତ୍ୟୁର କାରଣ ସମ୍ପର୍କରେ ତଦନ୍ତ କରିବେ ଏବଂ ଯଦି ତଦନ୍ତ ପୂର୍ବରୁ ବା ତଦନ୍ତ କାଳରେ ସେ ଅବଗତ ହୁଅନ୍ତି ଯେ ତାଙ୍କର ଅଧିକାରିତାର ସ୍ଥାନୀୟ ସୀମା ମଧ୍ୟରେ ବା ତାହା ବାହାରେ ଥିବା କୌଣସି ବ୍ୟକ୍ତି ତାହା ସମ୍ପର୍କରେ ସାରବାନ କୌଣସି ସାକ୍ଷ୍ୟ ଦେଇପାରିବେ ବା କୌଣସି ଦଲିଲ ପେଶ୍ କରିପାରିବେ ତାହାହେଲେ ସେ ସେହି ବ୍ୟକ୍ତିଙ୍କୁ ଉପସ୍ଥିତ ହେବାକୁ ଏବଂ ମୃତ୍ୟୁ ସମୀକ୍ଷାରେ ସାକ୍ଷ୍ୟ ଦେବାକୁ ବା ସେହି ଦଲିଲ ପେଶ୍ କରିବାକୁ ସମନ କରିପାରିବେ ।

ସେହି ସମନକୁ ଅମାନ୍ୟ କରୁଥିବା ବ୍ୟକ୍ତି ଭାରତୀୟ ଦଣ୍ଡ ସଂହିତାର ଯଥାସ୍ଥିତି ଧାରା 174, ଧାରା 175 ବା ଧାରା 176 ଅଧୀନରେ ଏକ ଅପରାଧ କରିଛନ୍ତି ବୋଲି ବିବେଚିତ ହେବେ ।

ସାକ୍ଷ୍ୟ ଦେବା ନିମିତ୍ତ ବନ୍ଦୀଙ୍କୁ ଅଣାଇବା ପ୍ରୟୋଜନରେ ଅପମୃତ୍ୟୁ ସମୀକ୍ଷକ ବନ୍ଦୀ ଅଧିନିୟମ, 1900 ର ଭାଗ IX ର ମର୍ମାନୁସାରେ ଏକ ଫୌଜଦାରୀ ନ୍ୟାୟାଳୟ ବୋଲି ବିବେଚିତ ହେବେ ।

**ଶବ ପରୀକ୍ଷା ଡାକ୍ତରୀ ସାକ୍ଷୀଙ୍କୁ ଫିସ୍ ।**

18. ଅପମୃତ୍ୟୁ ସମୀକ୍ଷକ ସେହି ମୃତ୍ୟୁ ସମୀକ୍ଷାରେ ଉପସ୍ଥିତ ହେବାକୁ ସମନ ହୋଇଥିବା ଡାକ୍ତରୀ ସାକ୍ଷୀଙ୍କ ଦ୍ୱାରା ପାକାଶୟ ବା ଅନ୍ତର ଅନ୍ତର୍ବସ୍ତୁର ବିଶ୍ଳେଷଣ ସହ ବା ବିଶ୍ଳେଷଣ ବ୍ୟତୀତ ଶବ ପରୀକ୍ଷା କରାଯିବା ନିମିତ୍ତ ନିର୍ଦ୍ଦେଶ ଦେଇ ପାରିବେ ଏବଂ ସରକାରୀ ରାସାୟନିକ ପରୀକ୍ଷକଙ୍କ ଭିନ୍ନ ପ୍ରତ୍ୟେକ ଡାକ୍ତରୀ ସାକ୍ଷ୍ୟ ଅପମୃତ୍ୟୁ ସମୀକ୍ଷକ ଯେତିକି ଯୁକ୍ତିଯୁକ୍ତ ପାରିଶ୍ରମିକ ଉପଯୁକ୍ତ ମନେ କରନ୍ତି ତେତିକି ଯୁକ୍ତିଯୁକ୍ତ ପାରିଶ୍ରମିକ ପାଇବାକୁ ହକ୍‌ଦାର ହେବେ ।

**ରସାୟନିକ ପରୀକ୍ଷକଙ୍କ ରିପୋର୍ଟ ।**

18-କ. ଏହି ଅଧିନିୟମ ଅଧୀନରେ କୌଣସି କାର୍ଯ୍ୟବିଧି କ୍ରମରେ କୌଣସି ସରକାରୀ ରାସାୟନିକ ପରୀକ୍ଷକ ବା ସହାୟକ ରାସାୟନିକ ପରୀକ୍ଷକଙ୍କ ନିକଟରେ ଯେଉଁ ବିଷୟ ବା ପଦାର୍ଥର ପରୀକ୍ଷା ବା ବିଶ୍ଳେଷଣ ଓ ରିପୋର୍ଟ କରିବାକୁ ଯଥାଯଥ ଉପସ୍ଥାପିତ ହୋଇଥାଏ, ସେହି ବିଷୟ ବା ପଦାର୍ଥ ଉପରେ ତାଙ୍କ ହସ୍ତାକ୍ଷରରେ ଏକ ରିପୋର୍ଟ ବୋଲି ତାତ୍ପର୍ଯ୍ୟିତ ହୋଇଥିବା କୌଣସି ଦଲିଲକୁ ଏହି ଅଧିନିୟମ ଅଧୀନରେ କୌଣସି ମୃତ୍ୟୁ ସମୀକ୍ଷାରେ ଏବଂ ଦଣ୍ଡ ପ୍ରକ୍ରିୟା ସଂହିତା, 1898 ଅଧୀନରେ ପରବର୍ତ୍ତୀ ତଦନ୍ତ, ବିଚାରଣ ବା ଅନ୍ୟ କାର୍ଯ୍ୟାନୁଷ୍ଠାନରେ ସାକ୍ଷ୍ୟରୂପେ ବ୍ୟବହୃତ ହୋଇପାରେ ।

**ସାକ୍ଷ୍ୟ ଶପଥ-ପୂର୍ବକ ହେବ ।**

**ଅଭିଯୁକ୍ତ ତରଫରୁ ସାକ୍ଷ୍ୟ ।**

19. ଏହି ଅଧିନିୟମ ଅଧୀନରେ ଦିଆଯିବା ସମସ୍ତ ସାକ୍ଷ୍ୟ ଶପଥପୂର୍ବକ ହେବ ଏବଂ ମୃତ ବ୍ୟକ୍ତିଙ୍କ ମୃତ୍ୟୁ ଘଟାଇଛନ୍ତି ବୋଲି ଅଭିଯୁକ୍ତ ପକ୍ଷ (ଯଦି କେହିଥା'ନ୍ତି) ତରଫରୁ ସାକ୍ଷ୍ୟ ଗ୍ରହଣ କରିବାକୁ ଅପମୃତ୍ୟୁ ସମୀକ୍ଷକ ବାଧ୍ୟ ହେବେ ।

**ଅନୁବାଦକ**

ଇଂରାଜୀ ଭାଷା ସହ ଅପରିଚିତ ସାକ୍ଷୀମାନଙ୍କୁ ଜଣେ ଦ୍ୱିଭାଷୀଙ୍କ ଜରିଆରେ ପରୀକ୍ଷା କରାଯିବ ଯେ କି ସାକ୍ଷୀଙ୍କୁ ଦିଆଯିବା ଶପଥ ଓ ପଚରାଯିବା ପ୍ରଶ୍ନ ଏବଂ ତାଙ୍କ ଦ୍ୱାରା ଦିଆଯିବାର ଉତ୍ତର ଠିକ୍ ଭାବରେ ଭାଷାନ୍ତରିତ କରିବାକୁ ଶପଥ ନେବେ ।

**ଜୁରିଙ୍କ ଦ୍ୱାରା ପ୍ରସ୍ତାବିତ ପ୍ରଶ୍ନ ।**

ପ୍ରତ୍ୟେକ ସାକ୍ଷୀଙ୍କୁ ପରୀକ୍ଷା କରାଯିବା ପରେ ଅପମୃତ୍ୟୁ ସମୀକ୍ଷକ ଜୁରି ସାକ୍ଷୀମାନଙ୍କୁ ଅଧିକତର କୌଣସି ପ୍ରଶ୍ନ କରିବାକୁ ଚାହାନ୍ତି କି ନାହିଁ ପଚାରି ବୁଝିବେ ଏବଂ ଯଦି ଜୁରି ଇଚ୍ଛାକରନ୍ତି ଯେ ସେପରି କୌଣସି ପ୍ରଶ୍ନ କରାଯିବା ଉଚିତ, ଅପମୃତ୍ୟୁ ସମୀକ୍ଷକ ତଦନୁଯାୟୀ ସେଗୁଡ଼ିକ ପଚାରିବେ ।

**ଅପମୃତ୍ୟୁ ସମୀକ୍ଷକ ସାକ୍ଷ୍ୟ ଲେଖି ରଖିବେ ।**

20. ଅପମୃତ୍ୟୁ ସମୀକ୍ଷକ ଜୁରିଙ୍କଠାରେ ଦିଆଯିବା ସାକ୍ଷ୍ୟର ସାରବାନ ଅଂଶଗୁଡ଼ିକୁ ଲିପିବଦ୍ଧ କରିବେ ଏବଂ ସେହି ଅଂଶଗୁଡ଼ିକୁ ସାକ୍ଷୀଙ୍କୁ ପଢି ଶୁଣାଇବେ ବା ପଢ଼ାଇ ଶୁଣାଇବେ ଏବଂ ତାହାପରେ ସେଥିରେ ତାଙ୍କର ସ୍ୱାକ୍ଷର ନେବେ ।

**ସାକ୍ଷୀମାନେ ଅଭିସାକ୍ଷ୍ୟରେ ସ୍ୱାକ୍ଷର କରିବେ ।**

ଏହି ରୂପେ ସ୍ୱାକ୍ଷର କରିବାକୁ ମନାକରୁଥିବା ସାକ୍ଷୀ ଭାରତୀୟ ଦଣ୍ଡସଂହିତାର ଧାରା 80 ଅଧୀନରେ ଏକ ଅପରାଧ କରିଛନ୍ତି ବୋଲି ବିବେଚିତ ହେବେ ।

**ଅପମୃତ୍ୟୁ ସମୀକ୍ଷକଙ୍କ ଅଭିସାକ୍ଷ୍ୟରେ ସ୍ୱାକ୍ଷର ।**

ସେପରି ପ୍ରତ୍ୟେକ ଅଭିସାକ୍ଷ୍ୟ ଅପମୃତ୍ୟୁ ସମୀକ୍ଷକଙ୍କ ଦ୍ୱାରା ସ୍ୱାକ୍ଷରିତ ହେବ ।

ଅପମୃତ୍ୟୁ ସମୀକ୍ଷକ ଜଣେ ମାଜିଷ୍ଟ୍ରେଟ ।

ଭାରତୀୟ ସାକ୍ଷ୍ୟ ଅଧିନିୟମ, 1872 ର ଧାରା 26 ର ପ୍ରୟୋଜନରେ ଅପମୃତ୍ୟୁ ସମୀକ୍ଷକ ଜଣେ ମାଜିଷ୍ଟ୍ରେଟ ବୋଲି ବିବେଚିତ ହେବେ ।

ମୃତ୍ୟୁ ସମୀକ୍ଷାର ସ୍ଥଗନ ।

21. ଅପମୃତ୍ୟୁ ସମୀକ୍ଷକ ବିଭିନ୍ନ ସମୟରେ ଓ ବିଭିନ୍ନ ସ୍ଥାନରେ ମୃତ୍ୟୁ ସମୀକ୍ଷାକୁ ସ୍ଥଗିତ ରଖି ପାରିବେ ।

ସଦସ୍ୟଙ୍କ ମୁଚ୍ଲିକା ।

ଯେତେବେଳେ ଏକ ମୃତ୍ୟୁ ସମୀକ୍ଷା ସ୍ଥଗିତ ରଖାଯାଏ ଅପମୃତ୍ୟୁ ସମୀକ୍ଷକ ସ୍ଥିରୀକୃତ ସମୟରେ ଓ ସ୍ଥାନରେ ଉପସ୍ଥିତ ହେବା ଲାଗି ଜୁରି ସଦସ୍ୟଙ୍କ ମୁଚ୍ଲିକା ନେବେ ଏବଂ କେତେବେଳେ ଓ କେଉଁଠାରେ ମୃତ୍ୟ ସମୀକ୍ଷା ଅଗ୍ରସର ହେବ ତାହା ସାକ୍ଷୀମାନଙ୍କୁ ଅଧିସୂଚିତ କରିବେ ।

ସେହି ମୁଚ୍ଲିକାର ପରିମାଣ ପ୍ରତ୍ୟେକ କ୍ଷେତ୍ରରେ ଅପମୃତ୍ୟୁ ସମୀକ୍ଷକଙ୍କ ଦ୍ୱାରା ସ୍ଥିର ହେବ ଏବଂ ତାହାର ସମଗ୍ର ବା ଅପମୃତ୍ୟୁ ସମୀକ୍ଷକ ଯେତିକିଭାବେ ଉପଯୁକ୍ତ ମନେ କରନ୍ତି ତାହା ଜୁରି ସଦସ୍ୟ ଉପସ୍ଥିତ ନ ହେଲେ ଧାରା 31 ଅଧୀନରେ ଆରୋପିତ ଜୋରିମାନାର ଆଦାୟ ପ୍ରଣାଳୀରେ ଆଦାୟଯୋଗ୍ୟ ହେବ ।

ଅପମୃତ୍ୟୁ ଅଧୀକ୍ଷକ ଜୁରିଙ୍କୁ ସଂକ୍ଷେପରେ କହିବେ ।

22. ସମସ୍ତ ସାକ୍ଷୀଙ୍କୁ ପରୀକ୍ଷା କରାଯିବା ପରେ ଅପମୃତ୍ୟୁ ସମୀକ୍ଷକ ଜୁରିଙ୍କୁ ସଂକ୍ଷେପରେ ସାକ୍ଷ୍ୟ ବିଷୟ କହିବେ ଏବଂ ଜୁରି ତା'ପରେ ତାଙ୍କର ରାୟ ନେଇ ବିଚାର କରିବେ ।

ଅପମୃତ୍ୟୁ ସମୀକ୍ଷକ ମୃତ୍ୟୁ ସମୀକ୍ଷା ଚିଠା କରିବେ ।

23. ରାୟ ଦିଆଯିବା ପରେ ଅପମୃତ୍ୟୁ ସମୀକ୍ଷକ ଜୁରିଙ୍କର ନିଷ୍କର୍ଷ ଅନୁଯାୟୀ କିମ୍ବା ଜୁରି ଏକମତ ହୋଇ ନ ଥିଲେ ଅଧିକାଂଶଙ୍କର ଅଭିମତ ଅନୁଯାୟୀ ମୃତ୍ୟୁ ସମୀକ୍ଷା ଚିଠା କରିବେ ।

ମୃତ୍ୟୁ ସମୀକ୍ଷାର ଅନ୍ତର୍ବସ୍ତୁ ।

24. ଏହି ଅଧିନିୟମ ଅଧୀନରେ ପ୍ରତ୍ୟେକ ମୃତ୍ୟୁ ସମୀକ୍ଷା ଅପମୃତ୍ୟୁ ସମୀକ୍ଷକଙ୍କ ନାମ ଓ ପଦସହ ତାଙ୍କ ଦ୍ୱାରା ଓ ଜୁରି ସଦସ୍ୟଙ୍କ ଦ୍ୱାରା ସ୍ୱାକ୍ଷରିତ ହେବ ଏବଂ ସେଥିରେ ଉଲ୍ଲିଖିତ ହେବ:—

(1) କେଉଁଠାରେ, କେତେବେଳେ ଓ କାହା ନିକଟରେ ମୃତ୍ୟୁ ସମୀକ୍ଷା ହେଲା,

(2) ମୃତ ବ୍ୟକ୍ତି କିଏ,

(3) କେଉଁଠାରେ ତାଙ୍କର ଶବ ପଡ଼ିଅଛି,

(4) ଜୁରି ସଦସ୍ୟଙ୍କ ନାମ ଏବଂ ସେମାନେ ଶପଥପୂର୍ବକ ମୃତ୍ୟୁ ସମୀକ୍ଷା ଉପସ୍ଥାପନ କରୁଅଛନ୍ତି ବୋଲି,

(5) କେଉଁଠାରେ, କେତେବେଳେ ଏବଂ କେଉଁ ଉପାୟରେ ମୃତ ବ୍ୟକ୍ତିଙ୍କର ମୃତ୍ୟୁ ହେଲା, ଏବଂ

(6) ଯଦି ତାଙ୍କର ମୃତ୍ୟୁ ଅନ୍ୟ ଜଣଙ୍କର ଆପରାଧିକ କାର୍ଯ୍ୟଯୋଗୁଁ ହୋଇଥାଏ ତେବେ କିଏ ତହିଁରେ ଦୋଷୀ ।

ଯଦି ମୃତ ବ୍ୟକ୍ତିଙ୍କ ନାମ ଅଜଣାଥାଏ ତେବେ ତାଙ୍କୁ ଜୁରିମାନଙ୍କର ଅଜଣା ଜଣେ ବ୍ୟକ୍ତି ବୋଲି ବର୍ଣ୍ଣନା କରାଯାଇପାରେ ।

ସେପରି ପ୍ରତ୍ୟେକ ମୃତ୍ୟୁସମୀକ୍ଷକ ଏତତ୍ ସଂଲଗ୍ନ ଦ୍ୱିତୀୟ ଅନୁସୂଚୀରେ ଦିଆଯାଇଥିବା ଫର୍ମରେ ପ୍ରତ୍ୟେକ ମାମଲାରେ ପରିସ୍ଥିତି ଦୃଷ୍ଟିରୁ ଆବଶ୍ୟକ ହେବା ପରିବର୍ତ୍ତନ ସହ ହେବ ।

ମୃତ୍ୟୁ ଏକ ଅପରାଧରୂପେ ପରିଗଣିତ କାର୍ଯ୍ୟଯୋଗୁଁ ହୋଇଥିବାର ଦେଖାଗଲେ କାର୍ଯ୍ୟବିଧି ।

25. ଯେତେବେଳେ ଜୁରି ବା ଜୁରିଙ୍କର ଅଧିକାଂଶ ଦେଖନ୍ତି ଯେ ମୃତ ବ୍ୟକ୍ତିଙ୍କ ମୃତ୍ୟୁ ଭାରତରେ ପ୍ରବୃତ୍ତ କୌଣସି ବିଧି ଅଧୀନରେ ଏକ ଅପରାଧ ରୂପେ ପରିଗଣିତ ହେଉଥିବା କୌଣସି କାର୍ଯ୍ୟ ଦ୍ୱାରା ଘଟିଛି, ସେତେବେଳେ ମୃତ୍ୟୁ ସମୀକ୍ଷାର ଅବ୍ୟବହିତ ପରେ, ମୃତ୍ୟୁ ସମୀକ୍ଷାର ଏକ ନକଲ ସହ ସାକ୍ଷୀମାନଙ୍କର ନାମ ଓ ଠିକଣା ପୋଲିସ କମିସନରଙ୍କୁ ପଠାଇବେ ।

**ଗିରଫ ଓ ବିଚାରଣ ନିମିତ୍ତ ସୁପର୍ଦ୍ଦ କରିବାକୁ କ୍ଷମତା ।**

26. ଅପମୃତ୍ୟୁ ସମୀକ୍ଷକ ମଧ୍ୟ ଯେଉଁଠାରେ ଏହି ରୂପେ କାର୍ଯ୍ୟ କରିବା ନିମିତ୍ତ ତାଙ୍କୁ ରାୟ ସମର୍ଥନ କରୁଥାଏ ସେଠାରେ ମୃତ ବ୍ୟକ୍ତିଙ୍କର ମୃତ୍ୟୁ ଘଟାଇଛନ୍ତି ବୋଲି ନିଷ୍କର୍ଷ ହେବା ବ୍ୟକ୍ତିଙ୍କୁ ଧରିବା ନିମିତ୍ତ ତାଙ୍କର ଓ୍ୱାରଣ୍ଟ ଦେଇ ପାରିବେ ଏବଂ ଯେଉଁ ମାଜିଷ୍ଟ୍ରେଟ ବିଚାରଣ ନିମିତ୍ତ ତାଙ୍କୁ ସୁପର୍ଦ୍ଦ କରିବାଲାଗି କ୍ଷମତାପ୍ରାପ୍ତ ହୋଇଥିବେ ସେହି ମାଜିଷ୍ଟ୍ରେଟଙ୍କ ନିକଟକୁ ତାଙ୍କୁ ତୁରନ୍ତ ପଠାଇବେ ।

27. ନିରସିତ ।

**ସତ୍କାର ନିମିତ୍ତ ଓ୍ୱାରଣ୍ଟ ।**

28. କାର୍ଯ୍ୟାନୁଷ୍ଠାନ ସମାପ୍ତ ହେଲେ କିମ୍ବା ଯଦି ମୃତ୍ୟୁ ସମୀକ୍ଷା ସ୍ଥଗନ ରଖିବା ଆବଶ୍ୟକ ହୁଏ ତେବେ କାର୍ଯ୍ୟାନୁଷ୍ଠାନ ସମାପ୍ତ ହେବା ପୂର୍ବରୁ ଅପମୃତ୍ୟୁ ସମୀକ୍ଷକ ଯେଉଁ ଶବ ନେଇ ମୃତ୍ୟୁ ସମୀକ୍ଷା ହୋଇଥାଏ ତାହାର ସତ୍କାର ନିମିତ୍ତ ତାଙ୍କର ଓ୍ୱାରଣ୍ଟ ଦେବେ ।

**ପ୍ରଭୁପର ଅଭାବରେ ମୃତ୍ୟୁ ସମୀକ୍ଷଣ ବାତିଲ ହେବନାହିଁ ।**

29. କୌଣସି ମୃତ୍ୟୁ ସମୀକ୍ଷା ଆଧାରରେ ବା ଦ୍ୱାରା ନିଷ୍କର୍ଷ ହେବା ମୃତ୍ୟୁ ସମୀକ୍ଷଣ କୌଣସି ପ୍ରବିଧିଗତ ତ୍ରୁଟି ଯୋଗୁ ବାତିଲ ହେବ ନାହିଁ ।

**ମୃତ୍ୟୁ ସମୀକ୍ଷଣର ସଂଶୋଧନ**

କୌଣସି ପ୍ରବିଧିଗତ ତ୍ରୁଟି କ୍ଷେତ୍ରରେ ଉଚ୍ଚ ନ୍ୟାୟାଳୟର ବିଚାରପତି ଉପଯୁକ୍ତ ମନେ କଲେ ମୃତ୍ୟୁ ସମୀକ୍ଷଣ ସଂଶୋଧନ ନିମିତ୍ତ ଆଦେଶ ଦେଇ ପାରିବେ ଏବଂ ତାହା ତଦନୁଯାୟୀ ତୁରନ୍ତ ସଂଶୋଧିତ ହେବ ।

**ନିଖାତ ନିଧି ବା ଜାହାଜବୁଡ଼ି ସମ୍ପତ୍ତି ଆଦି ସମ୍ପର୍କରେ ଅଧିକାରିତାର ରହିତକରଣ ।**

30. ନିଜର କାର୍ଯ୍ୟ ଦ୍ୱାରା ମରିଥିବା କୌଣସି ବ୍ୟକ୍ତି ଆତ୍ମଘାତୀ ଥିଲେ କି ନ ଥିଲେ ତାହା ତଦନ୍ତ କରିବା, ନିଖାତ ନିଧି ବା ଜାହାଜବୁଡ଼ି ସମ୍ପତ୍ତିର ତଦନ୍ତ କରିବା, କୌଣସି ପଳାତକଙ୍କ ମାଲ ଜବତ କରିବା, ଆଦେଶିକାକୁ ନିଷ୍ପାଦନ କରିବା କିମ୍ବା ଏହି ଅଧିନିୟମ ଦ୍ୱାରା ଅଭିବ୍ୟକ୍ତଭାବେ ଅର୍ପିତ ହୋଇ ନ ଥିବା କୌଣସି ଅଧିକାରିତାକୁ ଅପମୃତ୍ୟୁ ସମୀକ୍ଷକ ରୂପେ ପ୍ରୟୋଗ କରିବା ଆଉ ଅପମୃତ୍ୟୁ ସମୀକ୍ଷକଙ୍କ କର୍ତ୍ତବ୍ୟ ହୋଇ ରହିବ ନାହିଁ ।

**ଆତ୍ମଘାତି**

ଜଣେ ଆତ୍ମଘାତୀଙ୍କ ସଂପତ୍ତି ବାଜ୍ୟାପ୍ତ ହେବ ନାହିଁ ।

**ମୃତ୍ୟୋତ୍ସୃଷ୍ଟ**

ମୃତ୍ୟୋତ୍ସୃଷ୍ଟ ଏତଦ୍ଦ୍ୱାରା ଉତ୍ସାଦିତ ହେଲା ।

## ଅଧ୍ୟାୟ IV

### ଅପମୃତ୍ୟୁ ସମୀକ୍ଷକ ଜୁରି

**ହାଜର ହେବାକୁ ଅବହେଳା କଲେ ଜୁରି ସଦସ୍ୟଙ୍କ ଉପରେ ଜୋରିମାନା ।**

31. ଯେତେବେଳେ କୌଣସି ବ୍ୟକ୍ତି ଜୁରି ସଦସ୍ୟ ରୂପେ ଉପସ୍ଥିତ ହେବାକୁ ଜଣେ ଅପମୃତ୍ୟୁ ସମୀକ୍ଷକଙ୍କ ଦ୍ୱାରା ଯଥାବିଧି ସମନ ହୋଇଥାନ୍ତି ଏବଂ ସମନରେ ବିନିର୍ଦ୍ଦିଷ୍ଟ ସମୟରେ ଓ ସ୍ଥାନରେ ଉପସ୍ଥିତ ହୁଅନ୍ତି ନାହିଁ ବା ଉପସ୍ଥିତ ହେବାରେ ଅବହେଳା କରନ୍ତି ତାହାହେଲେ ଅପମୃତ୍ୟୁ ସମୀକ୍ଷକ ତାଙ୍କୁ ତାଙ୍କ ନ୍ୟାୟାଳୟରେ ଉପସ୍ଥିତ ହେବାକୁ ଓ ଜୁରି ସଦସ୍ୟ ରୂପେ କାର୍ଯ୍ୟ କରିବାକୁ ତିନିଥର ପ୍ରକାଶ୍ୟଭାବରେ ଡକାଇବେ ଏବଂ ସେହି ବ୍ୟକ୍ତି ଉପସ୍ଥିତ ନ ହେଲେ ଏବଂ ସମନ ତାଙ୍କ ଉପରେ ଜାରି ହୋଇଛି ବା ତାଙ୍କର ସ୍ୱାଭାବିକ ବାସସ୍ଥାନରେ ରଖାଯାଇଛି ବୋଲି ପ୍ରମାଣ ଥିଲେ ଅପମୃତ୍ୟୁ ସମୀକ୍ଷକ ପଚାଶ ଟଙ୍କାରୁ ଅଧିକ ହୋଇ ନଥିବା ଯେଉଁ ଜୋରିମାନା ଉପଯୁକ୍ତ ମନେ କରନ୍ତି ବ୍ୟତିକ୍ରମୀଙ୍କ ପ୍ରତି ସେହି ଜୋରିମାନା ଆରୋପିତ କରିପାରିବେ ।

**ବ୍ୟତିକ୍ରମୀ ଜୁରି ସଦସ୍ୟଙ୍କ ସମ୍ପର୍କରେ ପ୍ରମାଣପତ୍ର ।**

32. ଅପମୃତ୍ୟୁ ସମୀକ୍ଷକ ଏହି ରୂପେ ବ୍ୟତିକ୍ରମ କରୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ନାମ ଓ ଉପନାମ, ନିବାସ ଏବଂ ବ୍ୟବସାୟ ବା ଜୀବିକା ସହ ଆରୋପିତ ଜୋରିମାନାର ପରିମାଣ ଏବଂ ଜୋରିମାନାର କାରଣ ଅନ୍ତର୍ବିଷ୍ଟ ଥିବା ଏକ ପ୍ରମାଣପତ୍ର ପ୍ରସ୍ତୁତ କରିବେ ଓ ସେଥିରେ ସ୍ୱାକ୍ଷର କରିବେ,

ଏବଂ ସେ ଯେଉଁ ସ୍ଥାନର ଅପମୃତ୍ୟୁ ସମୀକ୍ଷକ ହୋଇଥାନ୍ତି ସେହି ସ୍ଥାନର କୌଣସି ଜଣେ ମାଜିଷ୍ଟ୍ରେଟଙ୍କ ନିକଟକୁ ସେହି ପ୍ରମାଣପତ୍ରଟିକୁ ପଠାଇବେ,

ଏବଂ ସେହି ପ୍ରମାଣପତ୍ରର ଏକ ନକଲ ଏ ଭାବେ ଜୋରିମାନା ହେବା ବ୍ୟକ୍ତିଙ୍କ ସ୍ୱାଭାବିକ ବାସସ୍ଥାନରେ ରଖିଆସି ବା ଉପରୋକ୍ତ ଠିକଣାରେ ଓ ରେଜିଷ୍ଟ୍ରି କରି ଡାକ ଯୋଗେ ପଠାଇ ତାହା ଜାରି କରାଇବେ ।

ଜୋରିମାନା ବସାଣ ।

33. ତା'ପରେ ସେହି ମାଜିଷ୍ଟ୍ରେଟ ସେହି ଜୋରିମାନା ତାଙ୍କ ଦ୍ୱାରା ଆରୋପିତ ହୋଇଥିବା ପରି ପ୍ରଣାଳୀରେ ବସାଇବେ ।

ଜୁରି ସଦସ୍ୟଙ୍କୁ ବର୍ଷ ମଧ୍ୟରେ ଦୁଇଥର ସମନ କରାଯିବ ନାହିଁ ।

34. ଆବଶ୍ୟକ ନ ହେଲେ ଯେଉଁ ବ୍ୟକ୍ତି ଏକ ମୃତ୍ୟୁ ସମୀକ୍ଷାରେ ଜୁରି ସଦସ୍ୟ ରୂପେ ଉପସ୍ଥିତ ହୋଇଥାନ୍ତି ବା ଉପସ୍ଥିତ ହେବାକୁ ସମନ ପାଇଥାନ୍ତି ଏବଂ ତ୍ରୁଟି କରି ନ ଥାନ୍ତି ସେହି ଉପସ୍ଥିତି ବା ସମନ ପରେ ଏକ ବର୍ଷ ମଧ୍ୟରେ ତାଙ୍କୁ ଏହି ଅଧିନିୟମ ଆଧୀନରେ ଜୁରି ସଦସ୍ୟ ରୂପେ ଉପସ୍ଥିତ ହେବାକୁ ସମନ କରାଯିବ ନାହିଁ ।

ବନ୍ଦୀଙ୍କ ମୃତ୍ୟୁ ସମୀକ୍ଷାରେ ଜୁରି ସଦସ୍ୟ ।

35. ଯେତେବେଳେ କାରାଗାରରେ ମରିଥିବା ଜଣେ ବନ୍ଦୀଙ୍କ ଶବର ମୃତ୍ୟୁ ସମୀକ୍ଷା ହୁଏ ସେହି ମୃତ୍ୟୁ ସମୀକ୍ଷାରେ କାରାଗାରର କୌଣସି ଅଧିକାରୀ ଏବଂ କୌଣସି ଅବରୁଦ୍ଧ ବନ୍ଦୀ ଜୁରି ସଦସ୍ୟ ହେବେ ନାହିଁ ।

## ଅଧ୍ୟାୟ V

## ଅପମୃତ୍ୟୁ ସମୀକ୍ଷକଙ୍କ ଅଧିକାର ଓ ଦାୟିତ୍ୱ

ଅପମୃତ୍ୟୁ ସମୀକ୍ଷକଙ୍କ ବେତନ ।

36. ପ୍ରତ୍ୟେକ ଅପମୃତ୍ୟୁ ସମୀକ୍ଷକ ତାଙ୍କ ପଦର କର୍ତ୍ତବ୍ୟ ପାଳନ ନିମିତ୍ତ ରାଜ୍ୟ ସରକାର ତଦୁପଲକ୍ଷେ ଯେଉଁ ବେତନ ବିହିତ କରନ୍ତି ସେହି ବେତନ ପାଇବାକୁ ହକ୍‌ଦାର ହେବେ ।

ସଂବିତରଣ ପରିଶୋଧ ହେବ ।

37. ଡାକ୍ତରୀ ସାକ୍ଷୀଙ୍କୁ ଫିସ୍, ଜୁରିଙ୍କ ନିମିତ୍ତ ପ୍ରକୋଷ୍ଠ ଭଡ଼ା ଏବଂ ଏହି ଅନୁରୂପ ବିଷୟ ନିମିତ୍ତ ଜଣେ ଅପମୃତ୍ୟୁ ସମୀକ୍ଷକ ସମ୍ୟକଭାବରେ ଯାହା ଯାହା ସଂବିତରଣ କରିଥାନ୍ତି ରାଜ୍ୟ ସରକାରଙ୍କ ଦ୍ୱାରା ତାହା ତାଙ୍କୁ ପରିଶୋଧ କରାଯିବ ।

ସହାୟକ ନିଯୁକ୍ତ କରିବାକୁ କ୍ଷମତା ।

38. ପ୍ରତ୍ୟେକ ଅପମୃତ୍ୟୁ ସମୀକ୍ଷକ ବିଭିନ୍ନ ସମୟରେ ରାଜ୍ୟ ସରକାରଙ୍କ ପୂର୍ବ ମଂଜୁରି କ୍ରମେ ମୃତ୍ୟୁ ସମୀକ୍ଷା କରିବାରେ ତାଙ୍କର ସହାୟକରୂପେ କାର୍ଯ୍ୟ କରିବା ପାଇଁ ଜଣେ ଉପଯୁକ୍ତ ବ୍ୟକ୍ତିଙ୍କୁ ତାଙ୍କ ସ୍ୱାକ୍ଷରରେ ଲିଖିତାକାରରେ ନିଯୁକ୍ତ କରିପାରିବେ ।

ସେପରି କୌଣସି ନିଯୁକ୍ତି ଅଧୀନରେ ବା ବଳରେ କୌଣସି ସହାୟକ ଦ୍ୱାରା କରାଯାଇଥିବା ମୃତ୍ୟୁ ସମୀକ୍ଷା ବା ଅନ୍ୟ କାର୍ଯ୍ୟ ତାଙ୍କୁ ନିଯୁକ୍ତ କରିଥିବା ଅପମୃତ୍ୟୁ ସମୀକ୍ଷକଙ୍କ କାର୍ଯ୍ୟ ବୋଲି ବିବେଚିତ ହେବ :

ପରନ୍ତୁ ସେହି ସହାୟକ ଉକ୍ତ ଅପମୃତ୍ୟୁ ସମୀକ୍ଷକଙ୍କ ଅସୁସ୍ଥତା କାଳ ବା କୌଣସି ବିଧିପୂର୍ଣ୍ଣ ବା ଯୁକ୍ତିଯୁକ୍ତ କାରଣରୁ ଅନୁପସ୍ଥିତି କାଳ ବ୍ୟତୀତ ଅନ୍ୟ କାଳରେ ସେପରି କୌଣସି ଅପମୃତ୍ୟୁ ସମୀକ୍ଷକ ନିମିତ୍ତ କାର୍ଯ୍ୟ କରିବେ ନାହିଁ ।

ନିଯୁକ୍ତିର ପ୍ରତିସଂହରଣ ।

ସେପରି ପ୍ରତ୍ୟେକ ନିଯୁକ୍ତି ଯେଉଁ ଅପମୃତ୍ୟୁ ସମୀକ୍ଷକଙ୍କ ଦ୍ୱାରା ହୋଇଥାଏ ତାଙ୍କ ଦ୍ୱାରା ଯେକୌଣସି ସମୟରେ ରଦ୍ଦ ବା ପ୍ରତିସଂହୃତ ହୋଇପାରିବ ।

ଜୁରି ରୂପେ କାର୍ଯ୍ୟ କରିବାକୁ ଛାଡ଼ ।

39. କୌଣସି ଅପମୃତ୍ୟୁ ସମୀକ୍ଷକ ବା ସହାୟକ ଅପମୃତ୍ୟୁ ସମୀକ୍ଷକ ଜୁରି ସଦସ୍ୟ ରୂପେ କାର୍ଯ୍ୟ କରିବାକୁ ଦାୟୀ ହେବେନାହିଁ ।

ଗିରଫରୁ ଛାଡ଼

40. ଅପମୃତ୍ୟୁ ସମୀକ୍ଷକ ଓ ସହାୟକ ଅପମୃତ୍ୟୁ ସମୀକ୍ଷକମାନେ ସେମାନଙ୍କର ପଦୀୟ କର୍ତ୍ତବ୍ୟ ନିର୍ବାହରେ ନିୟୋଜିତ ଥିବା ସମୟରେ ଗିରଫରୁ ଛାଡ଼ ପାଇବେ ।

ଅଧିନିୟମ ଅନୁସରଣ ନ କଲେ ଶାସ୍ତି ।

41. ଏହି ଅଧିନିୟମର ଉପବନ୍ଧ ପାଳନ କରୁ ନ ଥିବା ବା ଅନ୍ୟଥା ତାଙ୍କ ପଦର କାର୍ଯ୍ୟ ନିଷ୍ପାଦନରେ ଅସଦାଚରଣ କରିଥିବା କୌଣସି ଅପମୃତ୍ୟୁ ସମୀକ୍ଷକ ବା ସହାୟକ ଅପମୃତ୍ୟୁ ସମୀକ୍ଷକ ସେହି ଅପାଳନ ବା ଅସଦାଚରଣର ସଂକ୍ଷିପ୍ତ ପରୀକ୍ଷା ଓ ପ୍ରମାଣପରେ ଉଚ୍ଚ ନ୍ୟାୟାଳୟର ମୁଖ୍ୟ ନ୍ୟାୟାଧୀଶ ଯେଉଁ ଜୋରିମାନା ଆରୋପିତ କରିବାକୁ ଉପଯୁକ୍ତ ମନେ କରନ୍ତି ସେହି ଜୋରିମାନା ଦେବାକୁ ଦାୟୀ ହେବେ ।

ବାଦର ପରିସୀମା ।

42. ଏହି ଅଧିନିୟମ ଅଧୀନରେ କରାଯାଇଥିବା କୌଣସି କାର୍ଯ୍ୟ ନିମିତ୍ତ ବା ତାହାର ଉପବନ୍ଧମାନ ପାଳନ ନ କରିବା ନିମିତ୍ତ କୌଣସି କାର୍ଯ୍ୟବିଧି ପର୍ଯ୍ୟାପ୍ତ ପ୍ରତିବିଧାନ ଅର୍ପଣ କରାଯିବା ପରେ ପାରବ୍ଧ ବା ଅଭିଯୋଜିତ ହେବ ନାହିଁ ।

## ପ୍ରଥମ ଅନୁସୂଚୀ

ନିରସିତ

## ଦ୍ୱିତୀୟ ଅନୁସୂଚୀ

### ମୃତ୍ୟୁ ସମୀକ୍ଷାର ପ୍ରପତ୍ର

ମୃତ କଖ ଙ୍କ, ମାମଲାରେ ଛଜ, ଝଞ, ଟଠ ଓ ଡ଼ଢ଼ଙ୍କୁ ତତ୍‌କାଳେ ଘଟଣାସ୍ଥଳରେ ଶପଥ ଦିଆଯାଇ କେତେବେଳେ, କିପରି ଏବଂ କେଉଁ ଉପାୟରେ ଉକ୍ତ କଖ ଙ୍କର ମୃତ୍ୟୁ ହେଲା ତାହା ତଦନ୍ତ କରିବାକୁ ପ୍ରଭାରିତ କରି ସେମାନଙ୍କ ଶପଥ ଉପରେ

ର ଅପମୃତ୍ୟୁ ସମୀକ୍ଷକ ଢଚ ଙ୍କ ନିକଟରେ

ଠାରେ ଦିନ ମାସ ବର୍ଷ 18 ରେ
ହୋଇଥିବା ଏକ ମୃତ୍ୟୁ ସମୀକ୍ଷା ।

ଆମ୍ଭେ ଉକ୍ତ ଜୁରି ସଦସ୍ୟମାନେ ସର୍ବସମ୍ମତିକ୍ରମେ ( ବା ସଂଖ୍ୟାଧିକରେ ଙ୍କ ଦ୍ୱାରା)
ଏହି ନିଷ୍କର୍ଷରେ ଉପନୀତ ହେଲୁ ଯେ
ଉକ୍ତ କଖ ଙ୍କର ମୃତ୍ୟୁ ଦିନ ମାସ ବର୍ଷ 18
ରେ ବା ପ୍ରାୟ ସେହି ଦିନ ( ଏଠାରେ ନିମ୍ନରେ ଦିଆଯାଇଥିବା ଦୃଷ୍ଟାନ୍ତମାନପରି ମୃତ୍ୟୁର କାରଣ ଉଲ୍ଲେଖ କରାଯିବ )
ଦ୍ୱାରା ହୋଇଥିଲା ।

1. ମାନବବଧ—ଏପରି ପରିସ୍ଥିତିରେ ଗଘ ଙ୍କ ଦ୍ୱାରା ବାଡ଼ିରେ ତାଙ୍କ ମୁଣ୍ଡରେ ଆଘାତ ଦିଆଯାଇଥିଲା ଯେ ଗଘ ଙ୍କ କାର୍ଯ୍ୟ ଯଥାର୍ଥ ଭାବେ ବା ଆକସ୍ମିକ ମାନବବଧ ଥିଲା ।

   ଏପରି ପରିସ୍ଥିତିରେ ଗଘ ଙ୍କ ଦ୍ୱାରା ଛୁରିରେ ତାଙ୍କ ହୃତପିଣ୍ଡରେ ଭୁଷାଯାଇଥିଲା ଯେ ଗଘ ଙ୍କ କାର୍ଯ୍ୟ ହତ୍ୟା କୋଟୀର ହୋଇ ନଥିବା ଆପରାଧିକ ମାନବବଧ (ବା ହତ୍ୟା କୋଟୀର ହୋଇଥିବା ଆପରାଧିକ ମାନବବଧ ବା ହତ୍ୟା କୋଟୀର ହୋଇ ନ ଥିବା ଆପରାଧିକ ମାନବବଧର ଏକ ବେପରବାୟ ବା ଅବହେଳା ପୂର୍ଣ୍ଣ କାର୍ଯ୍ୟ) ଥିଲା ।

2. ଦୁର୍ଘଟଣା—ଡଙ୍ଗାରୁ ହୁଗୁଳି ନଦୀ ମଧ୍ୟକୁ ପତନ ଯଦ୍ଦ୍ୱାରାକି ସେ ବୁଡ଼ିଯାଇଥିଲେ ।

   ଘୋଡ଼ାର ଏକ ଗୋଇଠା ମାଡ଼ ଯଦ୍ଦ୍ୱାରାକି ତାଙ୍କ ଖପୁରି ଫାଟିଗଲା ଏବଂ ମସ୍ତିଷ୍କରେ ରକ୍ତ ନଳୀ ଫାଟିଯାଇଥିଲା ।

3. ଆତ୍ମହତ୍ୟା—ନିଜେ ନିଜ ମୁଣ୍ଡକୁ ପିସ୍ତଲରେ ଗୁଳିକରିବା ।

   ଶଙ୍ଖୁଆ ବିଷ, ଯାହାକି ସେ ସ୍ୱେଚ୍ଛାରେ ନିଜ ପ୍ରତି ପ୍ରୟୋଗ କରିଥିଲେ ।

4. ଅଜଣା କାରଣରୁ ଆକସ୍ମିକ ମୃତ୍ୟୁ—ହୃଦ ରୋଗ
   —ସନ୍ୟାସ ରୋଗ
   —ତାପଘାତ

ଏବଂ ଜୁରି ସଦସ୍ୟମାନେ ଉପରୋକ୍ତ ଶପଥପୂର୍ବକ ଏହି ମତେ ପ୍ରକାଶ କରନ୍ତି ।

ସ୍ୱାକ୍ଷର ର ଅପମୃତ୍ୟୁ ସମୀକ୍ଷକ ଢ଼ଚ

(ଛଜ ଝଓ ଟଠ ଡ଼ଢ଼ଣ ତ ଜୁରି ସଦସ୍ୟମାନେ)